# NATIONAL NEWS BULLETIN (ODIA)
## 09th April - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ୍‌କୁ ସଫଳ ଗସ୍ତ ଶେଷକରି ସ୍ଲୋଭାକିଆରେ ପହଞ୍ଚିଲେ ରାଷ୍ଟ୍ରପତି ।
- ସାମାଜିକ ନ୍ୟାୟକୁ ସଶକ୍ତ କରିବା ଦିଗରେ ୱାକଫ୍ ସଂଶୋଧନ ବିଲ୍- ୨୦୨୫ ସରକାରଙ୍କ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ନେପାଳରେ ହେବାକୁ ଥିବା ତୃତୀୟ ବିମ୍‌ଷ୍ଟେକ୍ କୃଷି ମନ୍ତ୍ରୀ ସମ୍ମିଳନୀରେ ଆଜି ଯୋଗଦେବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।
- ଯୁକ୍ତରାଷ୍ଟ୍ର ଆମେରିକାକୁ ଆମଦାନୀ ହେଉଥିବା ଚୀନ୍ ଉତ୍ପାଦ ଉପରେ ଆଜିଠାରୁ ଲାଗୁ ହେବ ୧୦୪ ପ୍ରତିଶତ ଶୁଳ୍କ, କହିଲା ହ୍ୱାଇଟ୍ ହାଉସ୍ ।

ଏବଂ

- ଆଇ.ପି.ଏଲ୍.ରେ ଆଜି ଅହମ୍ମଦାବାଦଠାରେ ଗୁଜରାଟ୍ ଟାଇଟନ୍‌ସ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ହେବ ମୁକାବିଲା ।

## ପ୍ରେଜ୍ - ସ୍ଲୋଭାକିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ସ୍ଲୋଭାକିଆର ରାଜଧାନୀ ବ୍ରାଟିସ୍ଲାଭା'ରେ ପହଞ୍ଚିଛନ୍ତି । ପ୍ରାୟ ୨୯ ବର୍ଷର ବ୍ୟବଧାନ ପରେ ଏହା ହେଉଛି କୌଣସି ଭାତରତୀୟ ରାଷ୍ଟ୍ରପତିଙ୍କର ସ୍ଲୋଭାକିଆକୁ ପ୍ରଥମ ସରକାରୀ ଗସ୍ତ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏବଂ ସ୍ଲୋଭାକିଆ ରାଷ୍ଟ୍ରପତି ପିଟର୍ ପେଲେଗ୍ରିନି'ଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ । ସେହିଭଳି ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହିତ ଶ୍ରୀମତୀ ମୁର୍ମୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଅଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ରାଷ୍ଟ୍ରପତି ପର୍ତ୍ତୁଗାଲ୍‌କୁ ତାଙ୍କର ସଫଳ ଗସ୍ତ ଶେଷ କରି ସ୍ଲୋଭାକିଆ ଯାଇଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୨୭ ବର୍ଷ ପରେ କୌଣସି ଭାରତୀୟ ରାଷ୍ଟ୍ରପତିଙ୍କର ଏହା ଥିଲା ପ୍ରଥମ ପର୍ତ୍ତୁଗାଲ ଗସ୍ତ । ଏ ସମ୍ପର୍କରେ

ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ପଶ୍ଚିମ ବ୍ୟାପାର ସଚିବ ତନ୍ମୟ ଲାଲ୍ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀମତୀ ମୁର୍ମୁ ପର୍ତ୍ତୁଗାଲ୍ର ପ୍ରଧାନମନ୍ତ୍ରୀ ଲୁଇସ୍ ମର୍ଣ୍ଟେ'ନେଗ୍ରୋଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷୀୟ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଉଭୟ ଗୁରୁତ୍ୱାରୋପ କରିଛନ୍ତି ।

# ପି.ଏମ୍. - ସମିଟ୍

ୱାକଫ୍ ସଂଶୋଧନ ବିଲ୍-୨୦୨୫ ସଂସଦରେ ପାରିତ ହେବାଦ୍ୱାରା ଏହା ସାମାଜିକ ନ୍ୟାୟକୁ ସଶକ୍ତ କରିବା ଦିଗରେ ସରକାରଙ୍କ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଗତକାଲି ରାତିରେ ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ସଂସ୍ଥାଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ମୁସ୍‌ଲିମ୍ ସମ୍ପ୍ରଦାୟ ସମେତ ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଉଲ୍ଲେଖନୀୟ ବିଧେୟକ ପାରିତ କରିଥିବାରୁ ସଂସଦର ଉଭୟ ଗୃହକୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦି କହିଛନ୍ତି, ୱାକଫ୍‌ର ପବିତ୍ରତାକୁ ବର୍ତ୍ତମାନ ସଂରକ୍ଷିତ ରଖାଯିବ ।

ଏହାସହିତ ଅବହେଳିତ, ମହିଳା ଏବଂ ଶିଶୁମାନଙ୍କର ଅଧିକାରକୁ ମଧ୍ୟ ସୁରକ୍ଷିତ ରଖାଯାଇପାରିବ ।

***Voice*** :.......... (ଓ୍ୱାକଫ୍)

ଏହି ଅବସରରେ ପ୍ରଧାନମନ୍ତ୍ରୀ ୨୦୨୫ ବର୍ଷର ପ୍ରଥମ ୧୦୦ ଦିନରେ ତାଙ୍କ ସରକାରଙ୍କଦ୍ୱାରା ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଆଲୋକପାତ କରି କହିଛନ୍ତି, ଏହି ନିଷ୍ପତ୍ତିଗୁଡ଼ିକ ମାଧ୍ୟମରେ ଭବିଷ୍ୟତରେ ଦେଶର ସାମାଗ୍ରିକ ବିକାଶ ଲାଗି ଏକ ସଶକ୍ତ ଭିତ୍ତିଭୂମି ସ୍ଥାପନ କରାଯାଇପାରିଛି । ବିକାଶ ଦିଗରେ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି ଗତ ୧୦୦ ଦିନର ସଫଳତା ପ୍ରତିପାଦିତ କରିଛି ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ଏହି ସମୟ ମଧ୍ୟରେ ଉପଗ୍ରହ ଡକିଂ ଓ ଅନ୍‌ଡକିଂ ସାମର୍ଥ୍ୟ ହାସଲ କରିବା ଦିଗରେ ଭାରତ ବିଶ୍ୱର ଚତୁର୍ଥ ଦେଶ ରୂପେ ନିଜକୁ ପ୍ରତିଷ୍ଠା କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (100 days)*** :....

ଦେଶରୁ ନକ୍ସଲବାଦ ମୂଳୋତ୍ପାଟନ କରିବା ସହିତ ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଦିଗରେ ସରକାର ପକ୍ଷରୁ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଦେଶବ୍ୟାପୀ ୧୫୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ଦେଖାଦେଇଥିବା ଏ ସମ୍ପର୍କିତ ହିଂସା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଦେଶର ଆର୍ôଥିକ୍ ବ୍ୟବସ୍ଥାକୁ ସଶକ୍ତ କରିବା ଦିଗରେ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତ ଗତ ଏକ ଦଶନ୍ଧି ମଧ୍ୟରେ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିବାରେ ସଫଳ ହୋଇଛି ।

## ବିମ୍‌ଷ୍ଟେକ୍ - ଆଗ୍ରୋମିଟ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନେପାଳରେ ହେବାକୁ ଥିବା ତୃତୀୟ ବିମ୍‌ଷ୍ଟେକ୍ କୃଷି ମନ୍ତ୍ରୀ ବୈଠକରେ ଯୋଗଦେବେ । କୃଷି ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଏହି ଗସ୍ତ ଅବସରରେ ଶ୍ରୀ ଚୌହାନ ନେପାଳ ପ୍ରଧାନମପନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ସେଠାକାର କୃଷିମନ୍ତ୍ରୀ ରାମନାଥ ଅଧିକାରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ଆଲୋଚନା କରିବେ । ଏହାଛଡ଼ା ଦୁଇ ଦେଶ ମଧ୍ୟରେ କୃଷିକ୍ଷେତ୍ରରେ ଅଧିକ ସହଯୋଗ ଲାଗି କେତେକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ୟୁ.ଏସ୍. - ଚୀନ

ଯୁକ୍ତରାଷ୍ଟ୍ର ଆମେରିକାକୁ ଆମଦାନୀ ହେଉଥିବା ଚୀନ୍ ଉତ୍ପାଦ ଉପରେ ଆଜିଠାରୁ ୧୦୪ ପ୍ରତିଶତ ଶୁଳ୍କ ଲାଗୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଘୋଷଣା କରାଯାଇଛି । ଡୋନାଲ୍ଡ୍ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ ଦେଶର ଉତ୍ପାଦ ଉପରେ ଆନୁପାତିକ ଶୁଳ୍କ ଲାଗୁ କରିଥିଲେ । ତଦନୁଯାୟୀ ସେ ଚୀନ୍ ଉତ୍ପାଦଗୁଡ଼ିକ ଉପରେ ଫେବୃୟାରୀ ମାସରେ ପ୍ରାଥମିକ ଭାବେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଥିବାବେଳେ ଗତ ମାସରେ ଏହାକୁ ଦ୍ୱିଗୁଣିତ କରିଥିଲେ । ଏହାପରେ ଆମେରିକାର ଉତ୍ପାଦଗୁଡ଼ିକ ଉପରେ ଚୀନ୍ ୩୪ ପ୍ରତିଶତ ଅଧିକ ଶୁଳ୍କ ଲାଗୁ କରିଥିଲା । ତେବେ ଗତକାଲି ସୁଦ୍ଧା ଚୀନ୍ ଏହି ଶୁଳ୍କ ପ୍ରତ୍ୟାହାର ନ କଲେ ଅତିରିକ୍ତ ୫୦ ପ୍ରତିଶତ ଅଧିକ ଶୁଳ୍କ ଚୀନ୍‌ର ଉତ୍ପାଦଗୁଡ଼ିକ ଉପରେ ଲାଗୁ କରାଯିବ ବୋଲି ଆମେରିକା ପକ୍ଷରୁ ଘୋଷଣା କରାଯାଇଥିଲା ।

## ପି.ଏମ୍. - ୱେଭ୍‌ସ

ମନୋରଞ୍ଜନ କାର୍ଯ୍ୟକ୍ରମ ବିଶ୍ୱର ଏକ ପ୍ରମୁଖ ଶିଳ୍ପର ସ୍ଥାନ ନେବା ସହିତ ଆଗାମୀ ଦିନରେ ଏହା ଅଧିକ ସମ୍ପ୍ରସାରିତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଦେଶର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆସନ୍ତା ମାସରେ ମୁମ୍ବାଇଠାରେ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ସମ୍ମିଳନୀ 'ୱେଭ୍‌ସ' ଆୟୋଜନ କରିବାକୁ ଯାଉଛନ୍ତି । ଏହା ମାଧ୍ୟମରେ ଭାରତୀୟ ପ୍ରତିଭାବାନ୍ କଳାକାରଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବା ସହିତ ବିଶ୍ୱସ୍ତରରେ ନିଜର ପ୍ରତିଭା ସାବ୍ୟସ୍ତ କରିବାର ସୁଯୋଗ ମିଳିବ ବୋଲି ଶ୍ରୀ ମୋଦି କହିଛନ୍ତି । ଏହି ଅବସରରେ ୱେଭ୍‌ସ ପ୍ଲାଟ୍‌ଫର୍ମକୁ ଅଧିକ ଲୋକାଭିମୁଖୀ କରିବା ସହିତ ଯୁବ ପ୍ରତିଭାମାନେ ଯେଭଳି ଏହି ଅଭିଯାନରେ ସାମିଲ୍ ହୋଇପାରିବେ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ ଆହ୍ୱାନ ଦେଇଛନ୍ତି ।

***Voice (Waves)*** :....

## ମ୍ୟାଁମାର କ୍ୱାକ୍

ମ୍ୟାଁମାର୍‌ରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୩ ହଜାର ୬୪୫କୁ ବୃଦ୍ଧି ପାଇଛି । ଏହାଛଡ଼ା ୫ ହଜାର ୧୭ ଜଣ ବ୍ୟକ୍ତି ଆହତ ହେବା ସହିତ ୧୪୮ ଜଣ ନିଖୋଜ ଅଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି । ଗତମାସ ୨୮ ତାରିଖ ଦିନ ହୋଇଥିବା ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ସେଠାରେ

ଏଭଳି କ୍ଷତି ହୋଇଛି ।  ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ପ୍ରାୟ ୭ ଦଶମିକ ୭ ଥିବା କୁହାଯାଇଛି । ଇତିମଧ୍ୟରେ ଭାରତ ଅପରେସନ ବ୍ରହ୍ମା ମାଧ୍ୟମରେ ପଡ଼ୋଶୀ ପ୍ରଥମ ଏବଂ ଆକ୍ଟ-ଇଷ୍ଟ ନୀତି ଅନୁଯାୟୀ ସେଠାକୁ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛି । ଏତଦ୍‌ବ୍ୟତୀତ ୟୁରୋପୀୟ ସଂଘ, ମିଳିତ ଜାତିସଂଘ ସମେତ ଅନ୍ୟାନ୍ୟ ଦେଶମାନେ ମଧ୍ୟ ସାହାଯ୍ୟର ହାତ ବଢ଼ାଇଥିବା ଜଣାଯାଇଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ' ଚେନ୍ନାଇ ସୁପର କିଙ୍ଗ୍‌ସକୁ ୧୮ ରନ୍‌ରେ ପରାସ୍ତ କରିଛି । ଚଣ୍ଡୀଗଡ଼ଠାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୨୧୯ ରନ୍ କରିଥିଲା । ଦଳ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ମାତ୍ର ୪୨ଟି ବଲ୍‌ରୁ ୧୦୩ ରନ୍ କରିଥିବାବେଳେ ଶଶାଙ୍କ ସିଂହ ୫୨ ରନ୍ କରି ଅପରାଜିତ ଥିଲେ । ୨୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ଦଳ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୦୧ କରିବାକୁ ସମର୍ଥ

ହୋଇଥିଲା । ଦଳ ପକ୍ଷରୁ ଡେଭନ କନ୍‌ୱେ ସର୍ବାଧିକ ୬୯ ରନ୍ କରିଥିଲେ ।

ଗତକାଲି କୋଲ୍‌କାତାର ଇଡେନ୍ ଗାର୍ଡେନଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ କୋଲାକାତା ନାଇଟ୍ ରାଇଡର୍ସଙ୍କୁ ୪ ରନ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୩୮ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମିଚେଲ ମାର୍ସ ଓ ନିକୋଲାସ୍ ପୁରମ୍ ଅର୍ଦ୍ଧଶତକ ହାସଲ କରିଥିଲେ । ଏହାର ଜବାବରେ କୋଲାକାତା ନାଇଟ୍ ରାଇଡର୍ସ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୩୪ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା ।

ଆଜି ଆଇ.ପି.ଏଲ୍.ରେ ଗୁଜରାଟ୍ ଟାଇଟନ୍ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

## ବ୍ୟାଡ୍‌ମିଣ୍ଟନ

ଚୀନ୍‌ର ନିଙ୍ଗ୍‌ବୋ'ଠାରେ ଚାଲିଥିବା ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍‌ର ମିକ୍ସଡ୍ ଡବଲ୍‌ସ୍ ବର୍ଗରେ ଭାରତର ଧ୍ରୁବ କପିଳା ଓ ତାନିସା

କ୍ରାଷ୍ଟୋଙ୍କ ଯୋଡ଼ି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ଯୋଡ଼ି ବିଶ୍ୱର ୧୪ ନମ୍ବର ଯୋଡ଼ିକୁ ୧୫-୨୧, ୨୧-୧୨, ୨୧-୧୧ ସେଟ୍‌ରେ ପରାସ୍ତ କରିଥିଲେ । ସେହିଭଳି ଆଦିତ୍ ସୂର୍ଯ୍ୟ ଓ ଅମୃତା ପ୍ରମୁଥେଶ୍ ଶ୍ରୀଲଙ୍କାର ଥୁଲିତ୍ ପାଲିୟାଗୁରୁ ଓ ପାଞ୍ଚାଲି ଅଧିକାରୀଙ୍କ ଯୋଡ଼ିକୁ ୨୧-୯, ୨୧-୧୧ ସେଟ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଆଜି ଦୁଇଥର ଅଲିମ୍ପିକ୍ସ ବିଜେତା ପି.ଭି. ସିନ୍ଧୁ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ୍ ଲକ୍ଷ୍ୟ ସେନ୍ ସେମାନଙ୍କର ଅଭିଯାନ ଆରମ୍ଭ କରିବେ ।

*****